ESTD. 1994

**Institute of Media Studies**

<u>**ପ୍ରେସ୍ ବିଜ୍ଞପ୍ତି**</u>

# ରାଜ୍ୟରେ ବେତାର ପ୍ରସାରଣର ବ୍ୟାପକତା ଉପରେ ଗୁରୁତ୍ୱ

ଭୁବନେଶ୍ୱର ୫/୧୧ : ବର୍ତ୍ତମାନ କେନ୍ଦ୍ର ସରକାର ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ଘରୋଇ ଓ ସରକାରୀ ଏଫ୍ ଏମ୍ ଷ୍ଟେସନମାନ ପ୍ରତିଷ୍ଠା କରିବା ସହିତ ଆଗାମୀ ଦୁଇ ବର୍ଷ ମଧ୍ୟରେ ରେଡିଓ ପ୍ରସାରଣକୁ ଅଧିକ ବ୍ୟାପକ କରିବା ପାଇଁ ଉଦ୍ୟମ କରୁଛନ୍ତି I ସେଥିପାଇଁ ଓଡ଼ିଶାରେ ୧୫ରୁ ଅଧିକ ଘରୋଇ ଏଫ୍ ଏମ୍ ଷ୍ଟେସନ୍ ଖୋଲିବାରେ ଯୋଜନା ରହିଛି ବୋଲି ବରିଷ୍ଠ ରେଡିଓ ଜକି ଓ ବିବିସିର ରାଜ୍ୟ ପ୍ରତିନିଧି ସୁବ୍ରତ ପତି ଏକ ଆଲୋଚନାଚକ୍ରରେ ସୂଚନା ଦେଇଛନ୍ତି I

ଇନିଷ୍ଟିଚ୍ୟୁଟ୍ ଅଫ୍ ମିଡିଆ ଷ୍ଟଡିଜ୍ ଆନୁକୁଲ୍ୟରେ ଅନୁଷ୍ଠିତ ଓଡ଼ିଶାରେ ଏଫ୍ ଏମ୍ ରେଡିଓର ବୃଦ୍ଧି ଓ ବିକାଶ ଶୀର୍ଷକ ଆଲୋଚନାଚକ୍ରରେ ଯୋଗଦେଇ ଶ୍ରୀଯୁକ୍ତ ପତି ତାଙ୍କ ବକ୍ତବ୍ୟରେ କହିଲେ ଯେ ବର୍ତ୍ତମାନ ଭୁବନେଶ୍ୱରରେ ତିନୋଟି ଓ ରାଉରକେଲା ସହରରେ ଦୁଇଟି ଘରୋଇ ଏଫ୍ ଏମ୍ ଷ୍ଟେସନ୍ ଚାଲୁଥିବା ବେଳେ ଆଗାମୀ ଦିନରେ ଆଉ ନୂଆ ତିନୋଟି ଷ୍ଟେସନ୍ ରାଜ୍ୟରେ ପ୍ରତିଷ୍ଠା ହେବାକୁ ଯାଉଛି I ସେଥି ମଧ୍ୟରୁ ସର୍ଥକ ଫିଲ୍ମସ୍ ତରଫରୁ ଭୁବନେଶ୍ୱର ଓ ରାଉରକେଲାରେ ଗୋଟିଏ ଲେଖାଏଁ ଏଫ୍ ଏମ୍ ଷ୍ଟେସନ୍ ଖୋଲିବାର ଯୋଜନା ରହିଛି I ସେହିପରି ଓଡ଼ିଶା ଟେଲିଭିଜନ ତରଫରୁ ରାଉରକେଲାରେ ଗୋଟିଏ ଷ୍ଟେସନ୍ ଖୋଲିବାର ଯୋଜନା ଚାଲିଛି I

ସୂଚନାଯୋଗ୍ୟ ଯେ, ମୋଟ ୧୫ଟି ଘରୋଇ ଏଫ୍ ଏମ୍ ଷ୍ଟେସନ୍ ରାଜ୍ୟରେ ପୁରୀ, ବାଲେଶ୍ୱର, ବାରିପଦା, ବ୍ରହ୍ମପୁର ଓ ସମ୍ବଲପୁର ସହର ମାନଙ୍କରେ ପ୍ରତିଷ୍ଠା ହେବବୋଲି ସେ କହିଥିଲେ ଓ ବେତାର ଶିଳ୍ପର ଭବିଷ୍ୟତ ବହୁତ ଉଜ୍ଜଳ ବୋଲି ଗୁରୁତ୍ୱ ଦେଇଥିଲେ I

ଅନ୍ୟତମ ବକ୍ତା ରେଡ୍ ଏଫ୍ ଏମ୍ ର ରେଡିଓ ଜକି ସ୍ମିତା ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଏହି ଶିଳ୍ପରେ କ୍ୟାରିୟର କରିବାପାଇଁ ଆହ୍ୱାନ ଦେଇଥିଲେ I ରେଡିଓରେ କାମ କରିବାକୁ ହେଲେ ପ୍ରାଥମିକ ଭାବରେ ଭାଷା ଓ ଯୋଗାଯୋଗରେ ଦକ୍ଷତା, ସାଧାରଣ ଜ୍ଞାନ, ସୁମଧୁର କଣ୍ଠ ଓ ଜାଣିବାର ଆଗ୍ରହ ରହିବା ଦରକାର ବୋଲି ସେ କହିଥିଲେ I

ଅନ୍ୟମାନଙ୍କ ମଧ୍ୟରେ ଉକ୍ତ ଆଲୋଚନାଚକ୍ରରେ ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଉପେନ୍ଦ୍ର ପାଢୀ, ଅଧ୍ୟାପକ ଅଧ୍ୟାପିକା ଓ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ I